# ଟିକାକରଣ କେନ୍ଦ୍ରରେ ବିଦ୍ୟୁତ୍ ନାହିଁ; ସିଝୁଛନ୍ତି ଶିଶୁ

**କୁକୁଡ଼ାଖଣ୍ଡି,୧୫ ।୪(ସମିସ):** ସରକାରୀ ବାବୁଙ୍କୁ ଦରକାର ଏସି। ହେଲେ ଟିକାକରଣ ଲାଗି ଉଦ୍ଦିଷ୍ଟ ରୁମ୍‌ରେ ବିଦ୍ୟୁତ୍ ନଥିବାରୁ ଗରମରେ ସିଝୁଛନ୍ତି ନବଜାତ ଶିଶୁ। ଏଭଳି ଅବ୍ୟବସ୍ଥା ଦେଖାଦେଇଛି କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଟିକାକରଣ କେନ୍ଦ୍ରରେ। କୁକୁଡ଼ାଖଣ୍ଡି ଟିକାକରଣ କେନ୍ଦ୍ରରେ ଗର୍ଭବତୀଙ୍କ ଠାରୁ ଆରମ୍ଭ କରି ଶିଶୁ ମାନଙ୍କୁ ବିଭିନ୍ନ ପ୍ରକାର ଟିକା ଦିଆଯାଇଥାଏ। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥିର ହେଇଥିବା ଏହି ଟିକାକରଣ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନଥିବାରୁ ମା' ଓ ଶିଶୁ ମାନେ ଗରମରେ ସିଝୁଛନ୍ତି। ଏବେ ତାପମାତ୍ରା ଉପରମୁହାଁ ହୋଇଥିବାବେଳେ ଏହି କେନ୍ଦ୍ରରେ ପାନୀୟ ଜଳର ବ୍ୟବସ୍ଥା ମଧ ନାହିଁ। ଫଳରେ ଏଠାକୁ ଆସୁଥିବା ମା' ଶିଶୁ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ସୁମିତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ଖୁବଶୀଘ୍ର ବିଦ୍ୟୁତ୍ ସଂଯୋଗ ଦିଆଯିବା ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



## ଗାଡ଼ି ଭିତରେ ନାବାଳିକାକୁ ଦୁର୍ବ୍ୟବହାର

# ଅବସରପ୍ରାପ୍ତ ଅଧ୍ୟାପକ ଗିରଫ

**ଆସିକା,୧୫ ।୪(ସମିସ):**

ଆସିକା ବସଷ୍ଟାଣ୍ଡରେ ଚଳନ୍ତା ଗାଡ଼ିରେ ନାବାଳିକାକୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଅଭିଯୁକ୍ତ ହେଉଛନ୍ତି ପୋଲସରା କଲେଜର ଅବସରପ୍ରାପ୍ତ ଅଧ୍ୟାପକ ପ୍ରମୋଦ କୁମାର ରଥ (୬୩)। ମଙ୍ଗଳବାର ଅପରାହ୍ନରେ ଆସିକାରୁ କବିସୂର୍ଯ୍ୟନଗର ଦେଇ ପୋଲସରା ଯାଉଥିବା ଏକ ଘରୋଇ ମିନି ବସରେ ବସି ବାପା ଝିଅ ଗାଁକୁ ଯାଉଥିଲେ। ଏହି ସମୟରେ ଗାଡି ବସଷ୍ଟାଣ୍ଡରେ କିଛି ସମୟ ରହିଲା ପରେ ବାପା ଝିଅକୁ ସିଟରେ ବସାଇ ପାଣି ବୋତଲ ପାଇଁ ତଳକୁ ଓହ୍ଲାଇଥିଲେ। ଏହାର ସୁଯୋଗ ନେଇ ପାଶ୍ୱର୍ରେ ବସିଥିବା ଅଧ୍ୟାପକ କୋମଳ ମତି ଝିଅକୁ ଦୁର୍ବ୍ୟବହାର କରିଥିଲା ବୋଲି ଅନ୍ୟ ଯାତ୍ରୀମାନେ ପ୍ରକାଶ କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିରୁ ବାପା, ଝିଅକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିବା ମହିଳା ଓ ଶିଶୁ ଡେସ୍କର ଅଧିକାରୀ ଅଲିସ୍ମିତା ଜେନା ପ୍ରକାଶ କରିଛନ୍ତି। ପୁଲିସ ଥାନା କେସନଂ୧୬୫/୨୬ରେ ଏକ ମାମଲା ରୁଜୁ କରି ବ୍ରହ୍ମପୁର ପକ୍ସୋ କୋର୍ଟରେ ହଜାର କରିଛନ୍ତି। ସେଠାରେ ଜାମିନ ନାମଞ୍ଜୁର ପରେ ବ୍ରହ୍ମପୁର ଜେଲକୁ ପଠାଯାଇଛି।



# ଗଣ ଯୋଗାଯୋଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଞ୍ଜନଗର,୧୫ ।୪(ସମିସ):** ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ଅଧକ୍ଷ ବିଭାସ ଦାସ ଅଧ୍ୟକ୍ଷତା କରି ସାମ୍ବାଦିକତା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢୁଛି ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ହର ପ୍ରସାଦ ଶତପଥି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗଣ ଯୋଗାଯୋଗ ବିଭାଗ ଛାତ୍ରଛାତ୍ରୀ ମାନେ ସମୟ ପ୍ରତି ଧ୍ୟାନ ଦେଇ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବାବୁଲା ପ୍ରଧାନ ସ୍ୱାଗତ ଭାଷଣ ଦେବାସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ସ୍ମୃତି ଲେଖା ନାୟକ, ଲକ୍ଷ୍ମୀ ବେହେରା, କିନୁ ପାଳ , ରାଜଶ୍ରୀ ପରିଡ଼ା, ଯାଜ୍ଞସିନି ଜେନା, ଛାତ୍ର ନୃସିଂହ ପ୍ରଧାନ, ସ୍ୱପ୍ନେଶ୍ୱର ପାତ୍ର ପ୍ରମୁଖ ଆଲୋଚନାର ଭାଗ ନେଇ ନିଜର ମତ ରଖିଥିଲେ। ଅଧ୍ୟାପିକା ମାମଲି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।




# ଯୁବକଙ୍କ ମୃତଦେହ ଉଦ୍ଧାର

**ଆସିକା,୧୫ ।୪(ସମିସ):** ଆସିକା କଳିଙ୍ଗ ରୋଡ଼ ଟୁଇନ ରିଭେର ସ୍ମାର୍ଟ ପାର୍କ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କବିସୂର୍ଯ୍ୟନଗର ସୁନ୍ଦରିଆପଡା ଗ୍ରାମର ପିଣ୍ଟୁ ଖଣ୍ଡୁଆଳ(୨୮)। ପିଣ୍ଟୁଙ୍କ ମୁଣ୍ଡରେ ଗଭୀର ଆଘାତ ଚିହ୍ନ ରହିଛି। ପୁଲିସ ମୃତଦେହ ଜବତ କରି ଅଧିକ ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ପୁଲିସ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରୁଥିବା ବେଳେ ମୁଣ୍ଡର ଆଘାତକୁ ନେଇ ଅନ୍ୟ ଦିଗରେ ମଧ ତଦନ୍ତ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି।

# ଗଛରୁ ଖସିପଡ଼ି ବୃଦ୍ଧ ମୃତ

**ଦିଗପହଣ୍ଡି,୧୫ ।୪(ସମିସ):** ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବନମାଳୀ ଗ୍ରାମରେ ବୁଧବାର ସକାଳେ ଗଛରୁ ଖସି ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଗଣେଶ ସାହୁ(୬୩)। ଗଣେଶ ଘର ନିକଟରେ ଥିବା ଗଛରୁ ଡ଼ାଳ ହାଣୁଥିବା ବେଳେ ଅସାବଧାନତା କାରଣରୁ ଗଛ ଉପରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବମୋକେଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ କେ.ନୂଆଗାଁ ଥାନାରେ ଏତଲା ହେବାପରେ ଆଇଆଇସି ବିଶ୍ୱଜିତ ନାୟକ ଅପମୃତ୍ୟୁ ମାମଲା ନଂ.୨/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ସିଏଚ୍.ତାରକେଶ୍ୱର ରାଓ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

**ଛତ୍ରପୁର,୧୫ ।୪(ସମିସ):** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପାଳନ ହେଉଛି ଅଗ୍ନିଶମ ସେବା ସପ୍ତାହ। ଏପ୍ରିଲ ୧୪ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଏହା ପାଳନ କରାଯାଉଛି। ୧୯୪୪ ମସିହା ମୁମ୍ବାଇ ବନ୍ଦରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଶହୀଦ ହୋଇଥିବା ଅଗ୍ନିଶମ କର୍ମଚାରୀଙ୍କ ସ୍ମୃତିଚାରଣ କରିବା ସହ ଜନସାଧାରଣ ମାନଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ସପ୍ତାହର ମୂଳ ଲକ୍ଷ୍ୟ। ଏହି ଅବସରରେ ଛତ୍ରପୁର ଅଗ୍ନିଶମ ବିଭାଗ ପକ୍ଷରୁ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷର ମିଳିତ ଆନୁକୂଲ୍ୟରେ ଗୋପାଳପୁର ବନ୍ଦରରେ ଜାହାଜ ଭିତରେ ନିଆଁ ଲାଗିଲେ କିପରି ସୁରକ୍ଷିତ ଭାବେ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ସେନେଇ ମକଡ୍ରିଲ କରାଯାଇଥିଲା। ଏହି ଅପରେସନ ଆନୁମାନିକ ୪୦ ମିନିଟ ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅଗ୍ନିଶ୍ରମ ବିଭାଗର ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର ପଣ୍ଡା, ଛତ୍ରପୁର ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏହି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ସମୁଦ୍ର ଭିତରେ ବୁଡି ଥିବା ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେନେଇ ମଧ ମକ ଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଅଗ୍ନିଶମ ବିଭାଗର କର୍ମଚାରୀ ଓ ଗୋପାଳପୁର ବନ୍ଦର ଅଗ୍ନିଶମ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବିଭିନ୍ନ ପଞ୍ଚାୟତରେ ଖୋଲିଲା ଜଳଛତ୍ର

**ପୋଲସରା,୧୫ ।୪(ସମିସ):** ପୋଲସରା ଅଞ୍ଚଳରେ ଦିନକୁ ଦିନ ପାରଦ ଉପରମୁହାଁ ହୋଇଉଠୁଛି। ଯାହା ଫଳରେ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି ଏବଂ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି ସ୍ଥିତିକୁ ନଜରରେ ରଖି ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତରେ କିଭଳି ଜଳଛତ୍ର ସୁବ୍ୟବସ୍ଥା ସୁଚାରୁରୂପେ କରାଯାଇ ପାରିବ ସେନେଇ ପ୍ରସ୍ତୁତି ଜୋରଦାର କରାଯାଇଛି। ପୋଲସରା ବିଡ଼ିଓ ଶଶିଭୁଷଣ ମହାମାତ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ କାର୍ଯ୍ୟାଳୟ ସମେତ ବର୍ତ୍ତୀନୀ, ଖଣ୍ଡୁରୁ , ସୋଡ଼କ, ବନ୍ଥପଲ୍ଲୀ, ବାଲିଛାଇ, ବେଲଗାଁ ଭଳି ସମସ୍ତ ପଞ୍ଚାୟତରେ ଜଳଛତ୍ର ଖୋଲା ଯାଇଛି। ଦୂରଦୂରାନ୍ତରୁ ଆସୁଥିବା ବାଟୋଇ ଯେପରି ସ୍ୱଚ୍ଛ ପାନୀୟ ଜଳ ପାଇବ ସେନେଇ ବ୍ୟବସ୍ଥା କରାଯାଇଛି। ଏପରିକି ପ୍ରଚଣ୍ଡ ଗ୍ରୀଷ୍ମର ତାପକୁ ନିୟନ୍ତ୍ରଣ କରିବାକୁ ନେଇ ଜଳଛତ୍ର ସହ ଗ୍ଲୁକୋଜ ସହ ଦହି ମିଶ୍ରଣ କରି ବଣ୍ଟନ କରାଯାଉଛି। ଏଭଳି ସ୍ଥିତିରେ କୌଣସି ପଞ୍ଚାୟତରେ ଜଳଛତ୍ର ନେଇ କୌଣସି ସମସ୍ୟା ବା ଅବହେଳା ଦେଖାଯାଏ ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଡ଼ିଓ ଶଶିଭୁଷଣ ମହାପାତ୍ର।



# ଶିଶୁ ମନ୍ଦିରରେ ଅଭିଭାବକ ବୈଠକ



**ସୋରଡ଼ା,୧୫ ।୪(ସମିସ):** ସୋରଡ଼ା ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀର ତଥା ଶିଶୁଙ୍କ ଅର୍ଦ୍ଧ ବାର୍ଷିକ ପରୀକ୍ଷାର ଉତ୍ତର ପତ୍ର ସହ ମୂଲ୍ୟାଙ୍କନ ପତ୍ର ଦେବାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲଡୁ କିଶୋର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥି ପରିଚୟ ସହ ଉକ୍ତ ସମ୍ମିଳନୀର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଗୁରୁପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରାୟ ୨୦୦ ଜଣ ଅଭିଭାବକ ଉପସ୍ଥିତ ଯୋଗଦେଇଥିଲେ। ଅତିଥିଙ୍କ ସହାୟତାରେ ପରୀକ୍ଷା ଫଳାଫଳ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ୧୯ ଜଣ କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ପରୀକ୍ଷା ପ୍ରମୁଖ ମାମା ନାୟକ ପରୀକ୍ଷାର ବୃତ୍ତ ପଠନ କରିଥିଲେ।

## ସିବିଏସ୍‌ଇ ଦଶମ ପରୀକ୍ଷା

# ୟୁରୋ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



**ଛତ୍ରପୁର,୧୫ ।୪(ସମିସ):** ଗଞ୍ଜାମ ଜିଲ୍ଲା ଛତ୍ରପୁର "ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ'ଛାତ୍ରଛାତ୍ରୀଙ୍କ ଦଶମ ଶ୍ରେଣୀ ପରୀକ୍ଷାରେ ଫଳାଫଳରେ ସଫଳତା ହାସଲ କରିଛନ୍ତି। ବୁଧବାର ଦଶମ ଶ୍ରେଣୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ୟୁରୋ ସ୍କୁଲ ପକ୍ଷରୁ ମୋଟ ୩୨ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୭ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ୫ ଜଣ, ୮୦ ପ୍ରତିଶତରୁ ଅଧିକ ୧୦ ଜଣ, ୭୦ ପ୍ରତିଶତରୁ ଅଧିକ ୮ ଜଣ ଏବଂ ବାକି ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ୍ ହୋଇଛନ୍ତି । ଶ୍ରୀୟାଶ୍ରୀ ସାହୁ ୯୬ ପ୍ରତିଶତ ମାର୍କ ରଖିଥିବା ବେଳେ ଦେବପ୍ରକାଶ ନନ୍ଦୀ ଉଭୟ ୯୪ ପ୍ରତିଶତ, ଇସିକା ବେହେରା ୯୩ ପ୍ରତିଶତ, ସ୍ୱନ୍ଦନା ପ୍ରିୟଦର୍ଶନୀ ସାହୁ ୯୧ ପ୍ରତିଶତ ସ୍ନେହାଶ୍ରୀ ବାଘସିଂ ୯୦ ପ୍ରତିଶତ, ସାଇ ଶୁଭମ ସାହୁ ୮୭ ପ୍ରତିଶତ, ସନ୍ଦୀପ କୁମାର ଦାସ, ପି.ଶ୍ରୀତମ ରେଡ୍ଡୀ ଓ ଭୂମିକା ସେନାପତି ୩ ଜଣ ୮୫ ପ୍ରତିଶତ, ସୌମ୍ୟରଞ୍ଜନ ସାହୁ ୮୩ ପ୍ରତିଶତ, ପ୍ରର୍ଲିତା ଦାସ ଓ ଗୌତମ ନାୟକ ଉଭୟ ୮୨ ପ୍ରତିଶତ, ହର୍ଷିତା ପଟ୍ଟନାୟକ ୮୦ ପ୍ରତିଶତ, ସାଇଶ୍ରୀ ପ୍ରଧାନ ୭୮ ପ୍ରତିଶତ, ଆହାନ ମହାପାତ୍ର ୭୭ ପ୍ରତିଶତ, ଅଭିସ୍ମିତା ପ୍ରଧାନ, ଆର୍ଯ୍ୟମାନ ଶତପଥି ଓ ହିୟାମ ସାରିଫ୍ ତିନିଜଣ ୭୫ ପ୍ରତିଶତ, ପି.ପ୍ରତିମ ରେଡ୍ଡୀ ଓ ଡି.ଅଭିନାଶ ରେଡ୍ଡୀ ଉଭୟ ୭୨ ପ୍ରତିଶତ, ସ୍ୱାଗତ କୁମାର ପାଢୀ ୭୧ ପ୍ରତିଶତ ନମ୍ବର ରଖି ପାସ୍ ହୋଇଛନ୍ତି। ସେହିପରି ୯୪ ପ୍ରତିଶତରୁ ଅଧିକ ମାର୍କ ରଖି ପାସ୍ ହୋଇଥିବା ସ୍କୁଲର ଛାତ୍ର ଦେବପ୍ରକାଶ ନନ୍ଦୀ ସାମାଜିକ ବିଜ୍ଞାନ ବିଷୟରେ ୧୦୦ରୁ ୧୦୦ ମାର୍କ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ସ୍କୁଲର ଅଧକ୍ଷ ରଞ୍ଜନ ମହପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଓ ପ୍ରିନ୍ସପାଲ ତପସ୍ୱିନୀ ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଗତବର୍ଷ ମଧ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା ଆମ ପାଇଁ ବେଶ ସଫଳତା ହୋଇପାରିଛି ବୋଲି ଚଳିତ ବର୍ଷର କୃତୀ ଛାତ୍ରଛାତ୍ରୀ କହିଛନ୍ତି।

# ଟିପିଏସ୍‌ଓଡିଏଲ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଆଣିଛି ବ୍ୟାପକ ପରିବର୍ତ୍ତନ

**ବ୍ରହ୍ମପୁର,୧୫ ।୪(ସମିସ):**

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍)ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା (ଏମ୍‌ଏଚ୍‌ଡି) ଦକ୍ଷିଣ ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳ ତଥା କୋରାପୁଟ, ମାଲକାନଗିରି, କନ୍ଧମାଳ ଏବଂ ରାୟଗଡ଼ା ଜିଲ୍ଲାରେ ବିଶେଷ ଭାବରେ ସହାୟକ ହୋଇପାରିଛି।

ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟରେ ଜଣେ ଏମବିବିଏସ୍ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ସଚେତକ (ମୋବିଲାଇଜର) ରହିଛନ୍ତି। ଏମ୍‌ଏଚଡି ମାଧ୍ୟମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ, ଔଷଧ ଏବଂ ଘରେ ଘରେ ସ୍ୱାସ୍ଥ୍ୟସେବା ଶିବିର ଯୋଗାଇ ଦିଆଯାଉଛି। କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିଛି। ଚାରିଟି ଜିଲ୍ଲାର ୩,୨୩,୬୭୫ ହିତାଧିକାରୀ ଏଥିରେ ଅନ୍ତର୍ଭୁକ୍ତ ରହିଛନ୍ତି। କୋରାପୁଟରେ ୧,୦୧,୭୭୭ଜଣ, ମାଲକାନଗିରିରେ ୧,୦୬,୧୫୫, ରାୟଗଡ଼ାରେ ୫୩,୧୫୭ ଏବଂ କନ୍ଧମାଳରେ ୬୨,୫୮୬ ହିତାଧିକାରୀଙ୍କ ପାଖରେ ଏହି ସେବା ପହଞ୍ଚି ପାରିଛି। ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାକୁ ଅଧିକ ମଜଭୁତ କରିବା ପାଇଁ ଏହି କ୍ରମରେ ୧,୨୧୩ଟି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ୮୪୩ ସଚେତନତା ଅଧିବେଶନ ଏବଂ ୬୭ଟି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଛି। ଯେଉଁଥିରେ ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ଶୀଘ୍ର ନିରାକରଣ ଏବଂ ସ୍ୱଚ୍ଛତା, ପରିମଳ ଓ ପୋଷଣଗତ ସଚେତନତା ଉପରେ ଧ୍ୟାନ ଦିଆଯାଇଛି। ଏହି ଚାରିଟି ଜିଲ୍ଲାରେ ଛଅଟି ବୃହତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଯେଉଁଥିରେ ସ୍ୱାସ୍ଥ୍ୟସେବାକୁ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ଶିବିର ଗୁଡ଼ିକ ତାଲୁ ଏବଂ ଚିକିମା (କୋରାପୁଟ), ବଣ୍ଡା ଖଟି ଅଞ୍ଚଳର ବଡଦୁରାଲ ଏବଂ ମୁଦୁଲିପଡ଼ା (ମାଲକାନଗିରି), ଶ୍ରୀରାମପୁର (କନ୍ଧମାଳ) ଏବଂ ଜି ଦେଫାଗୁଡ଼ା (ରାୟଗଡ଼ା) ଭଳି ଦୁର୍ଗମ ଅଞ୍ଚଳରେ ହୋଇଛି। ଏହି ଶିବିରଗୁଡ଼ିକ ଦ୍ୱାରା କୋରାପୁଟରେ ୧,୪୩୭, ମାଲକାନଗିରିରେ ୧,୩୧୬, କନ୍ଧମାଳରେ ୧,୭୫୦ ଏବଂ ରାୟଗଡ଼ାରେ ୬୯୪ ଜଣ ଉପକୃତ ହୋଇଛନ୍ତି। ମୋଟ ଉପରେ ଏହି ମେଗା ସ୍ୱାସ୍ଥ୍ୟସେବା ଶିବିରରୁ ୫,୧୯୭ଜଣ ହିତାଧିକାରୀ ଉପକୃତ ହୋଇ ପାରିଛନ୍ତି।

ଏହାବ୍ୟତୀତ ହିତାଧିକାରୀମାନଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଉଥିବା ବେଳେ ରକ୍ତ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସ୍କ୍ରିନିଂ ଭଳି ସେବା ସେହି ସ୍ଥାନରେ ନିଦାନ ସେବା ବିଶେଷ କରି କୋରାପୁଟରେ ଲ୍ୟାବ-ଅନ୍-ହ୍ୱିଲ ସୁବିଧା ମାଧ୍ୟମରେ ଯୋଗାଇ ଦିଆଯାଉଛି।

ଏହି ଅଭିଯାନ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ଆମର ଏମ୍‌ଏଚଡି ସେବା ମାଧ୍ୟମରେ ଆମେ ସେବା ଯୋଗାଉଥିବା ଦୁର୍ଗମ ଅଞ୍ଚଳର ସମୁଦାୟ ତଥା ଜନଜାତିଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଜି ଆମେ ଯେଉଁ ପ୍ରଭାବ ଦେଖୁଛୁ ତାହା ହେଉଛି ସୁଗମ ତଥା ପ୍ରତିଷେଧକ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସୁସ୍ଥ, ଅଧିକ ସୁଦୃଢ଼ ସମୁଦାୟ ଗଠନ ଦିଗରେ ଥିବା ଆମର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା (ଏମ୍‌ଏଚଡି) କାର୍ଯ୍ୟକ୍ରମ, ସମାବେଶୀ ବିକାଶ ପାଇଁ ଟିପିଏସ୍‌ଓଡିଏଲର ଥିବା ପ୍ରତିବଦ୍ଧତାର ଏକ ପ୍ରମାଣ ଭାବରେ ଛିଡା ହୋଇଛି। ଯାହା ନିଶ୍ଚିତ କରେ ଯେ ଅତି ଦୁର୍ଗମ ଜନଜାତି ସମୁଦାୟ ମଧ ଭରସାଯୋଗ୍ୟ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ। ଏହା ମଧ ସ୍ୱାସ୍ଥ୍ୟସେବା ପେସାଦାର, କ୍ଷେତ୍ରୀୟ ଦଳ ଏବଂ ସ୍ଥାନୀୟ ଅଂଶୀଦାରଙ୍କ ମିଳିତ ପ୍ରୟାସକୁ ଦର୍ଶାଉଛି ଯାହା ଓଡ଼ିଶାର ଜନଜାତି ବହୁଳ ଅଞ୍ଚଳରେ ଏକ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛି।




- **ଦୁର୍ଗମ ଜନଜାତି ବହୁଳ ଅଞ୍ଚଳରେ ପହଞ୍ଚିଛି ସ୍ୱାସ୍ଥ୍ୟସେବା**
- **୩.୨୩ ଲକ୍ଷ ଲୋକଙ୍କୁ ସେବା ଯୋଗାଇ ଦିଆଯାଇଛି**
- **ବୃହତ୍ ସ୍ୱାସ୍ଥ୍ୟ ସେବା ଶିବିର ସାଙ୍ଗକୁ ନିଦାନ ବ୍ୟବସ୍ଥା**

# ଆଇନଜୀବୀଙ୍କ ମସ୍ତିଷ୍କରେ ବିରଳ ଅସ୍ତ୍ରୋପଚାର

**ଦିଗପହଣ୍ଡି,୧୫ ।୪(ସମିସ):** ଦିଗପହଣ୍ଡିର ଜଣାଶୁଣା ଆଇନଜୀବୀ ତଥା ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥଙ୍କ ମସ୍ତିଷ୍କରେ ଟ୍ୟୁମର ହୋଇଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ନାୟୁଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଭାଗ ମୁଖ୍ୟ ପ୍ରଫେସର ଡା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାପାତ୍ର, ଡା. ତୁଷାର କାନ୍ତ ରଥ, ଡା. ପି. ହରିପ୍ରସାଦ ପ୍ରମୁଖଙ୍କୁ ନେଇ ଏକ ଡାକ୍ତରୀ ଟିମ୍ ହରପ୍ରସାଦଙ୍କ ମସ୍ତିଷ୍କରେ ଦୀର୍ଘ ଦିନରୁ ରହିଥିବା ପ୍ରାୟ ୩ ଶହ ଗ୍ରାମ ଓଜନର ଏକ ମାଂସ ପିଣ୍ଡୁଳା(ଟ୍ୟୁମର)କୁ ପ୍ରାୟ ୩ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି ଅସ୍ତ୍ରୋପଚାର କରି ବାହାର କରିବାରେ ସଫଳ ହୋଇଛନ୍ତି। ନିଶ୍ଚେତକ ବିଭାଗ ମୁଖ୍ୟ ଡା. ସଂଜୀବ ପାତ୍ର ଏବଂ ତାଙ୍କ ସହଯୋଗୀ ଅସ୍ତ୍ରୋପଚାର ସମୟରେ ଉପସ୍ଥିତ ଥିଲେ। ଏହି ସଫଳ ଅସ୍ତ୍ରୋପଚାର ପରେ ହରପ୍ରସାଦ ଏବଂ ତାଙ୍କ ପରିବାର ଲୋକେ ସ୍ନାୟୁ ଶଲ୍ୟ ବିଭାଗର ଡାକ୍ତରୀ ଟିମ୍‌ଙ୍କ ସମେତ ଅସ୍ତ୍ରୋପଚାର ଓ ଚିକିତ୍ସା ଦିଗରେ ସହାୟତା ଯୋଗାଇ ଦେଇଥିବା ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇବା ସହ ବିଭିନ୍ନ କ୍ଷେତ୍ରରେ ସହାୟତା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ପରିଚାଳନା ଅଧିକ୍ଷୀକା ଡା. ସୁଚିତ୍ରା ଦାସ ଏବଂ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବର୍ତ୍ତମାନ ହରପ୍ରସାଦଙ୍କୁ ଅପରେସନ ପରବର୍ତ୍ତୀ ନୀରିକ୍ଷଣରେ ରଖା ଯାଇଥିବା ବିଭାଗ ମୁଖ୍ୟ ଡା.ରବି ନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି। ଏହି ବିରଳ ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଡାକ୍ତରୀ ଟିମ୍‌ର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହ ହରପ୍ରସାଦଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।



ସକାଳ THE SAKALA



# କେନାଲ ପାଇଁ ଭଙ୍ଗାଗଲା ଘର; ଏଯାଏ ନିର୍ମାଣ ହେଉନି

ପାରଳାଖେମୁଣ୍ଡି,୧୫ ।୪(ସମିସ)



କୃଷିର ବିକାଶ ନିମନ୍ତେ ପାରଳାଖେମୁଣ୍ଡି ରାଜବଂଶ ଦ୍ୱାରା ଅନେକ ପୋଖରି ଖୋଳାଯିବା ସହ ଅନେକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ରାଜବଂଶ ଦ୍ୱାରା ରାମସାଗର, ସୀତାସାଗର, ଲକ୍ଷ୍ମଣସାଗର ନିର୍ମାଣ ହୋଇଥିଲା । ହଜାର ହଜାର ଏକର ଜମିରେ ଉଭୟ ରବି ଓ ଖରିଫ ଫସଲ ପାଇଁ ଜଳ ଯୋଗାଣ ସକାଶେ ଏହି ସବୁ ସାଗର ବ୍ୟବହାର ହେବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷାରେ ସହାୟକ ହେଉଥିଲା । କୃଷିକାର୍ଯ୍ୟରେ ବ୍ୟବହୃତ ନିମନ୍ତେ ରାଜବଂଶ ଦ୍ୱାରା ରାମସାଗର ଠାରୁ ସୀତାସାଗର ମଧ୍ୟରେ ଏକ କେନାଲ୍ ଖୋଳାଯାଇଥିଲା । ଯାହାର ଲମ୍ବା ପ୍ରାୟ ୫ କିମି । ବର୍ଷା ଦିନେ ନିକଟସ୍ଥ ଗ୍ରାମରୁ ଆସୁଥିବା ବର୍ଷାଜଳ ରାମସାଗରରେ ଗଚ୍ଛିତ ହୋଇ ଉକ୍ତ କେନାଲ ମାଧ୍ୟମରେ ସୀତାସାଗରକୁ ପଠାଯାଉଥିଲା ଏବଂ ଉଭୟ ସାଗରର ଗଚ୍ଛିତ ଜଳ ବର୍ଷସାରା ଚାଷୀଙ୍କୁ ପାଣି ଯୋଗାଇବାରେ ସହାୟକ ହେଉଥିଲା । ସେହି ସମୟରେ ପ୍ରାୟ ଚାରି ହଜାର ହେକ୍ଟର ଚାଷଜମି ଭାବେ ବ୍ୟବହାର ହେଉଥିଲା । ପରବର୍ତ୍ତି ସମୟରେ ସହରର ବିକାଶ ହେବା ସହ ଜନସଂଖ୍ୟା ଏବଂ ଗୃହସଂଖ୍ୟା ବୃଦ୍ଧି ପାଇବା କାରଣରୁ ଚାଷଜମି ବିକ୍ରିହେବା ଆରମ୍ଭ ହେଇଥିଲା । ଜମି ବିକ୍ରି ହେବା ଦ୍ୱାରା ଅନେକ ଲୋକ ଉକ୍ତ କେନାଲ ଉପରେ ଘର କରିବା ଆରମ୍ଭ କରିଥିଲେ । ଜିଲ୍ଲାପାଳଙ୍କ ଆଦେଶ ପ୍ରକାରେ ପାତାପାଟାନାମ ରାସ୍ତା ଠାରୁ ୨.୫ କିମି ସୀତାସାଗର ପର୍ଯ୍ୟନ୍ତ ଜମି ପୌରପରିଷଦକୁ ହସ୍ତାନ୍ତର କରାଯାଇଛି । ଏହାର ସମସ୍ତ ଦାୟିତ୍ୱ ପୌରପରିଷଦର ରହିଛି । ସହର ଏବଂ ଚିକିତ୍ସାଳୟର ସମସ୍ତ ମଇଳା ଓ ସମସ୍ତ ବର୍ଜ୍ୟବସ୍ତୁ ଏବଂ ସହରର ଶୌଚ ନିମନ୍ତେ ବ୍ୟବହାର କରାଯାଉଥିବା ମଇଳା ପାଣିକୁ କେନାଲ ମଧ୍ୟକୁ ଛଡାଯାଉଛି । ମେଡିକାଲ ଛକ ଠାରୁ ସେରିଜାଗିଲି ସାହି ପର୍ଯ୍ୟନ୍ତ ଅନେକ ସ୍ଥାନରେ ପ୍ରତିଦିନ ସହରର ମଇଳା ପାଣି ଆସି ମିଶୁଛି । ସେରି ଜାଗିଲି ସାହି ଠାରୁ ଆନ୍ଧ୍ରର ଗୋପାଳପୁର ପ୍ରାୟ ଏକ କିମି କେନାଲରେ ଶହ ଶହ ଟ୍ରାକ୍ଟର ବର୍ଜ୍ୟବସ୍ତୁ ପଡିରହିଛି । ପୌରପରିଷଦ ପକ୍ଷରୁ ଏହାକୁ ସଫା କରାଯାଉନାହିଁ । କେନାଲ ବର୍ଜ୍ୟବସ୍ତୁରେ ପୂର୍ଣ୍ଣ ହୋଇଗଲେ ବାହାର କରାଯାଇ କେନାଲର ହୁଡାରେ ହିଁ ରଖାଯାଉଛି । ଟିକିଏ ବର୍ଷାହେଲେ କେନାଲ ହୁଡାରେ ରହିଥିବା ସମସ୍ତ ମଇଳା ଚାଷଜମି ମଧ୍ୟକୁ ଯାଉଛି । ଚାଷକାର୍ଯ୍ୟ ବେଳେ ଉକ୍ତ ମଦ ବୋତଲ ଖଣ୍ଡ ଓ ଛୁଞ୍ଚି ଶ୍ରମିକଙ୍କ ଗୋଡରେ ପଶି ଆଘାତ ହେବା ସହ କିଛି ଶ୍ରମିକ ସଂକ୍ରମଣର ଶୀକାର ହୋଇଥିବା ଅଭିଯୋଗ ହେଉଛି । ଯାହାଫଳରେ ଶ୍ରମିକ ଉକ୍ତ ଜମିକୁ ଚାଷ କାର୍ଯ୍ୟ ନିମନ୍ତେ ଯିବାପାଇଁ ରୋକଠୋକ ମନାକରୁଥିବା ଚାଷୀ କହିଛନ୍ତି । ଅନ୍ୟ ଉପାୟନ ପାଇ ଚାଷୀ ଜମିକୁ ବିକ୍ରି କରିବା ପାଇଁ ବାଧ ହେଉଛନ୍ତି । ସେହିପରି ସେରିଜାଗିଲି ସାହି ଠାରୁ ପାତାପାଟନାମ ରାସ୍ତାକୁ ଲାଗିଥିବା ନାଳରୁ ପ୍ରତ୍ୟେକ ବର୍ଷ ତଳ ଅଞ୍ଚଳରେ ରହିଥିବା ଚାଷ ଜମିକୁ ପାଣିର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଧିରେ ଧିରେ ପାଣି ଦୂଷିତ ହେବା ସହ ପ୍ଲାଷ୍ଟିକ, ମଦ ବୋତଲ ଇତ୍ୟାଦି ଜମିକୁ ନଷ୍ଟ କରିଥିବା କାରଣରୁ ତାହା ଚାଷ ଜମି ନିମନ୍ତେ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଧିରେ ଧିରେ ଜମି ମାଲିକ ପ୍ଲଟିଙ୍ଗ କରି ବିକ୍ରି କରିବା ନିମନ୍ତେ ବାଧ ହେଉଛନ୍ତି । ଏହି କେନାଲ କ୍ଷୁଦ୍ର ଜଳସେଚନ ବିଭାଗର ହୋଇଥିବା କାରଣରୁ କୌଣସି ପଦକ୍ଷେପ ପୌରପରିଷଦ ନେଇପାରୁନାହିଁ । ଉଭୟ ବିଭାଗର ସମନ୍ୱୟ ହୋଇପାରୁନଥିବା ବେଳେ କେନାଲ ନିର୍ମାଣର ଅଗ୍ରଗତି ହୋଇପାରୁନଥିବା ଅଭିଯୋଗ ହେଉଛି । ଅନ୍ୟପଟେ ଉକ୍ତ କେନାଲର ଉଭୟ ପାଶ୍ୱର୍ରେ ଅନେକ ବାସସ୍ଥାନ ଗଡିଉଠିଛି । କେନାଲର ମରାମତି କି ନିର୍ମାଣ ନହେବା କାରଣରୁ ବର୍ଷ ବର୍ଷ ଧରି ପାଣି ଜମା ହୋଇ ରହୁଛି । ଏଥିରେ ଲୋକେ ନାହିଁ ନଥିବା ଅସିବିଧାର ସମ୍ମୁଖୀନ ହେଉଛନ୍ତି । ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ବର୍ଷା ଦିନ ଆସିଲେ କେନାଲ ସଫା କରାଯାଇଥାଏ ଯାହା ନାମକୁ ମାତ୍ର ବୋଲି ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଉଭୟ ବିଭାଗର ସମନ୍ୱୟ ରକ୍ଷା କରି କେନାଲର ନିର୍ମାଣ ହେଉ କି ମରାମତି କରିବାରେ ଫେଲ ମାରିଛି । କିଛି ବର୍ଷ ତଳେ କେନାଲ ନିର୍ମାଣ ନାମରେ ଜବର ଦଖଲ ଉଚ୍ଛେଦ କରିଥିଲା ଏବଂ ଅନେକଙ୍କ ଘର ବି ଭଙ୍ଗାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନି । ଦୀର୍ଘ ଦିନ ହେବ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଚୁପ ବସିଛି ପ୍ରଶାସନ । କେବେ ପ୍ରଶାସନର ଦୃଷ୍ଟି ପଡୁଛି ଏବଂ କେଲାନ୍ କାର୍ଯ୍ୟ ଆରମ୍ଭ ହେଉଛି ତାହାକୁ ଅପେକ୍ଷା କରାଯାଇଥିବା କୁହାଯାଇଛି ।

## ଦେଢ଼ଲକ୍ଷ ଟଙ୍କାର ପିଆଶାଳ କାଠ ଜବତ



ମୋହନା,୧୫।୪(ସମିସ): ଗଜପତି ଡିଏଫ୍ଓ କେ.ନାଗରାଜୁଙ୍କ ନିର୍ଦ୍ଦେଶ କ୍ରମେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ଓ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ରୂପକ ପ୍ରଧାନ ଜରଡ ପଞ୍ଚାୟତ ଅନ୍ତର୍ଗତ ଯୁବ ଗ୍ରାମ ନିକଟ ଜଙ୍ଗଲରେ ଚଡଉ କରି ଚୋରାଚାଲାଣ ପାଇଁ ରଖାଯାଇଥିବା ୧୬ ପିଆଶାଳ ଗଣ୍ଡିକୁ ଜବତ କରିଛନ୍ତି । ଜବତ କାଠର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରତିଦିନ ଉକ୍ତ ଜଙ୍ଗଲରୁ ବଡଗଡ ଦେଇ ଗଞ୍ଜାମ ଜିଲ୍ଲାକୁ କାଠ ଚୋରାଚାଲାଣ ହେବାର ନଜିର ରହିଛି । ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି ।

## ଜବରଦଖଲରୁ ବଢୁଛି ଟ୍ରାଫିକ୍ ସମସ୍ୟା



ଧରାକୋଟ,୧୫ ।୪(ସମିସ): ଗଞ୍ଜାମ ଜିଲ୍ଲାର ଧରାକୋଟରେ ରହିଛି ବ୍ଲକ, ତହସିଲ, ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର, ଥାନା, ପଶୁ ଚିକିତ୍ସାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ମିଶନ ଶକ୍ତି କାର୍ଯ୍ୟାଳୟ, ଆଇସିଡିଏସ କାର୍ଯ୍ୟାଳୟ, ଡିଗ୍ରୀ କଲେଜ, ଏଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦିବ୍ୟାଙ୍ଗ କେନ୍ଦ୍ର ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି । ଏଣୁ ପ୍ରତିଦିନ ଏଠାକୁ ଶହ ଶହ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଆସନ୍ତି । ମୁଖ୍ୟତଃ ଡାକ ସେବା, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଗ୍ୟାସ କାର୍ଯ୍ୟାଳୟ, ହୋଟେଲ, ଜଳଖିଆ ଦୋକାନ, କିରାଣୀ ଦୋକାନ ଓ ଅନ୍ୟାନ୍ୟ ଦୋକାନ ଗୁଡ଼ିକ ମୁଖ୍ୟ ବଜାର ରାସ୍ତା ଉପରେ ରହିଥିବାରୁ ଗ୍ରାହକ ମାନେ ଏହି ସବୁ ଦୋକାନକୁ ଆସି ମନଇଚ୍ଛା ମୁଖ୍ୟ ବଜାର ରାସ୍ତା ଉପରେ ନିଜର ଗାଡି, ମଟର ସାଇକେଲ ରଖିଦେଉଛନ୍ତି । ଫଳରେ ପରିବହନ କ୍ଷେତ୍ରରେ ନାହିଁ ନଥିବା ସମସ୍ୟା ଦେଖାଦେଉଛି । ବ୍ରହ୍ମପୁର ଠାରୁ ସୋରଡା, ବଡଗଡ, ଓଲମ୍ବା, ଦାରିଂବାଡି, ବାଲିଗୁଡ଼ା ଯାଉଥିବା ବସ ଗୁଡ଼ିକ ରାସ୍ତା ଉପରେ ଜବର ଦଖଲ କରି ଗାଡି ମଟର ରଖାଯାଉଥିବାରୁ ବିଳମ୍ବରେ ପହଞ୍ଚୁଛନ୍ତି । ଦୁଇ ପଟେ ଦୋକାନୀ ମାନେ ମଧ୍ୟ ଆଗକୁ ଚାଲି ଆସିଥିବାରୁ ରାସ୍ତା ଦିନକୁଦିନ ସଙ୍କୁଚିତ ହେଉଛି । ଏଣୁ ଟ୍ରାଫିକ ସମସ୍ୟା ସହିତ ଦୁର୍ଘଟଣା ବଢୁଛି । ଏଣୁ ପ୍ରଶାସନ ତରଫରୁ ତହସିଲ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଅଧିକାରୀ ଓ ପୁଲିସ ମିଳିତ ଭାବରେ ପୁରୁଣା ପଞ୍ଚାୟତ ଛକ ଠାରୁ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ମୁଖ୍ୟ ବଜାରର ଏହି ଜବରଦଖଲ ହଟାଇ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଆଜିଠୁ ଘର ଘର ବୁଲି ଜନଗଣନା

ଛତ୍ରପୁର,୧୫ ।୪(ସମିସ): ଏପ୍ରିଲ ୧ରୁ ଆରମ୍ଭ ହୋଇଯାଇଛି ଡିଜିଟାଲ ଜନଗଣନା ୨୦୨୭ । ପ୍ରଥମେ ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱ-ଜନଗଣନା ହୋଇଥିଲା । ନିଜ ମୋବାଇଲରୁ ଲଗିନ କରି ଜନଗଣନା ୱେବସାଇଡରେ କରୁଥିଲେ । ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ନିଜେ ନିଜେ ଜନଗଣନା କରିପାରିବେ ଜନତା । ଜଣଗଣନାରେ ସମସ୍ତ ତଥ୍ୟ ଗୋପନୀୟ ରହିବ । ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ବା ସେଲଫ ଏନୁମରେସନ ହୋଇଥିଲା । ପୋର୍ଟାଲକୁ ଯାଇ ବା ଏହାର ମୋବାଇଲ ଆପରେ ନିଜେ ନିଜର ତଥ୍ୟ ଦେଇପାରିବେ । ସ୍ୱ ଜନଗଣନାରେ ସାମିଲ ହେବାପାଇଁ ଜିଲାବାସୀଙ୍କୁ ଅନୁରୋଧ କରିଥିଲେ ଜିଲାପାଳ ଭି.କିର୍ତ୍ତି ଭାସନ । ଏହାପରେ ଏପ୍ରିଲ ୧୬ ରୁ ମେ ୧୫ ତାରିଖ ଯାଏଁ ଗଣନାକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଆମ ଜନଗଣନା ଆମ ବିକାଶ, ବିକଶିତ ଦେଶ ଗଠନ ପାଇଁ ଜନଗଣନା କରୁଥିବା ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଠିକ ଓ ନିର୍ଭୁଲ ତଥ୍ୟ ଦେବାକୁ ଜିଲ୍ଲାପାଳ ଗଞ୍ଜାମବାସୀଙ୍କୁ ଅନୁରୋଧ କରିଛନ୍ତି । ପ୍ରଥମେ ଘରକୁ ଘର ବୁଲି ନମ୍ବରିଂ କରିବେ । ଏନେଇ ଜିଲ୍ଲାରେ ୫୬୫୭ ଜଣ ଗଣନାକାରୀ ଏହି ଜନଗଣନାକାରୀ ଭାବେ ଚୟନ ହୋଇଥିବା ବେଳେ ୯୯୨ ଜଣ ସୁପରଭାଇଜର ଚୟନ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହାସହ ୬୫୦ ଜଣ ଗଣନାକାରୀ ଓ ୧୩୬ ଜଣ ସୁପରଭାଇଜରକୁ ରିଜର୍ଭ ଭାବେ ରଖାଯାଇଛି । ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମ ମଧ୍ୟ ପ୍ରଦାନ କରାଯାଇଛି । ଜନଗଣନାକାରୀ ମାନେ ନିଜ ନିଜ ମୋବାଇଲରେ ଏଚଏଲଭି ଆପ୍ ଡାଉନଲୋଡ କରିଛନ୍ତି । ଏହି ଆପ୍ ଜରିଆରେ ସମସ୍ତ ତଥ୍ୟ ଅପଲୋଡ୍ କରିବେ । ଜନଗଣନାକାରୀ ଘରକୁ ଘର ବୁଲିବା ସମୟରେ ନିଜର ସାଥିରେ ପରିଚୟ ପତ୍ର ଏବଂ ନିଯୁକ୍ତି ପତ୍ର ନେବେ । ପ୍ରତି ନାଗରିକ ୩୩ଟି ପ୍ରଶ୍ନର ଉତ୍ତର ଦେବେ । ଏହି ଜନଗଣନାରେ ଜିଲ୍ଲାର ସମସ୍ତ ନାଗରିକମାନେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ଗଞ୍ଜାମ ଜିଲାପାଳ । ୨୦୧୧ ପରେ ପୁଣି ଦିର୍ଘ ବର୍ଷ ବ୍ୟବଧାନ ପରେ ଏହି ଜଣଗଣନା କରାଯାଉଛି । ୨୦୧୧ରେ ଗଞ୍ଜାମ ଜିଲ୍ଲାରେ ୩୫ ଲକ୍ଷ ୨୯ ହଜାର ୩୧ ଜଣ ଜନସଂଖ୍ୟା ରହିଥିଲା । ଏବେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆଶଙ୍କା କରାଯାଉଛି । ଜିଲ୍ଲାରେ ୭୪୩୧ଟି ଘର ଗଠନ ବ୍ଲକ(ହାଉସ ହୋଲଡ ବ୍ଲକ) ରହିଛି । ୬ଶହ ଘରକୁ ନେଇ ଗୋଟେ ହାଉସ ହୋଲଡ ବ୍ଲକ ଗଠନ କରାଯାଇଛି ।

## ଲାୟନ୍ସ କ୍ଲବ ପକ୍ଷରୁ ପଣା ବଣ୍ଟନ

କବିସୂର୍ଯ୍ୟନଗର,୧୫ ।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ମେରୁପର୍ବ ଉପଲକ୍ଷେ କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ପକ୍ଷରୁ ନବାତ ପଣା, ପାଣି ବୋତଲ ଓ ପ୍ଲାଷ୍ଟିକ ହାତ ପଙ୍ଖା ବଣ୍ଟନ କରାଯାଇଛି । ଲାୟନ୍ସ କ୍ଲବ ସଭାପତି କୃପାସିନ୍ଧୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଲାୟନ୍ସ ଦିଲ୍ଲୀପ କୁମାର ଖଣ୍ଡୁଆଳ, ପ୍ରାକ୍ତନ ଲାୟନ୍ସ ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରା, ଭାଗିରଥି ଶତପଥୀ, ସୁକୁମାର ମାଝୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଏହିଭଳି ବହୁ ସାମାଜିକ, ଜନହିତକର କାର୍ଯ୍ୟ ଯଥା ଫୁଟପାଥ ବେପାରୀଙ୍କୁ ବଡ ଛତା, ନିରୀହଙ୍କୁ କମଳ, ରକ୍ତଦାନ ଶିବିର ଆଦି କାର୍ଯ୍ୟକ୍ରମ ଲାୟନ୍ସ କ୍ଲବ ପକ୍ଷରୁ କରାଯାଉଛି ।

● ଓଏଭିରେ ହିନ୍ଦୀ ଶିକ୍ଷା ବିପର୍ଯ୍ୟସ୍ତ

## ପ୍ରଶ୍ନଘେରରେ ସଂଗଠନର ଆଭିମୁଖ୍ୟ

ରମ୍ଭା,୧୫ ।୪(ସମିସ): ରାଜ୍ୟର ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ପ୍ରତିଷ୍ଠା ହୋଇଥିବା ‘ଓଡ଼ିଶା ଆଦର୍ଶ ବିଦ୍ୟାଳୟ’ (ଓଏଭି) ଏବେ ବିବାଦ ଘେରରେ । ସିବିଏସଇ ଅନୁବନ୍ଧିତ ହୋଇଥିଲେ ମଧ୍ୟ ଏହି ବିଦ୍ୟାଳୟ ଗୁଡ଼ିକରେ କେନ୍ଦ୍ରୀୟ ବୋର୍ଡର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି । ବିଶେଷ କରି ନବମ ଓ ଦଶମ ଶ୍ରେଣୀରେ ପିଲାମାନଙ୍କୁ ସେମାନଙ୍କ ପସନ୍ଦର ଭାଷା ଚୟନ କରିବାକୁ ସୁଯୋଗ ମିଳୁନାହିଁ । ଛାତ୍ରଛାତ୍ରୀମାନେ ହିନ୍ଦୀ ପଢ଼ିବାକୁ ଆଗ୍ରହୀ ଥିଲେ ମଧ୍ୟ ସେମାନଙ୍କ ଉପରେ ବାଧ୍ୟତାମୂଳକ ଭାବେ ଓଡ଼ିଆ ବିଷୟ ଲଦି ଦିଆଯାଉଥିବା ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସଦ୍ୟ ପ୍ରକାଶିତ ସିବିଏସ୍ଇ ସର୍କୁଲାର ଅନୁଯାୟୀ, ଛାତ୍ରଛାତ୍ରୀମାନେ ନିଜ ଇଚ୍ଛା ଅନୁସାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଷା ଚୟନ କରିବାର ବ୍ୟବସ୍ଥା ରହିଛି । ଏପରିକି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ ପିଲାଙ୍କ ସ୍ୱଇଚ୍ଛାରେ ଭାଷା ଚୟନ କରି ପଢ଼ିବାର ସୁଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଦର୍ଶ ବିଦ୍ୟାଳୟ ସଙ୍ଗଠନ କିମ୍ବା ରାଜ୍ୟ ଶିକ୍ଷା ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ବିଦ୍ୟାଳୟ ଗୁଡ଼ିକ ପ୍ରତିଷ୍ଠା ହୋଇଥିଲା, ତାହା ଏବେ ମଳିନ ପଡ଼ିବାକୁ ଲାଗିଛି । କେବଳ ଛାତ୍ରଛାତ୍ରୀ ନୁହନ୍ତି, ବରଂ ହିନ୍ଦୀ ଶିକ୍ଷକମାନେ ମଧ୍ୟ ବୈମାତୃକ ମନୋଭାବର ଶିକାର ହୋଇଛନ୍ତି । ଦୀର୍ଘ ୧୦ ବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ପଦୋନ୍ନତି ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉନାହିଁ । ଆଶ୍ଚର୍ଯ୍ୟର ବିଷୟ ଯେ, ୨୦୧୯ରୁ ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ ରହିଛି । ବର୍ଷ ବର୍ଷ ଧରି ଅତିଥି ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଛି, ଯାହା ପିଲାଙ୍କ ଶିକ୍ଷାର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଠାରେ ପ୍ରଶ୍ନ ଉଠୁଛି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁ ରହିଛି । ଗୋଟିଏ ପଟେ କେନ୍ଦ୍ର ସରକାର ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର କଥା କହୁଥିବା ବେଳେ ଅନ୍ୟ ପଟେ ଓଡ଼ିଶାରେ ସେହି ଦଳର ଶାସନ ଥାଇ ମଧ୍ୟ ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ପ୍ରତି ଏଭଳି ଅବହେଳା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ଏହି ସମସ୍ୟାକୁ ନେଇ ପୂର୍ବରୁ ହାଇକୋର୍ଟରେ ମାମଲା ରୁଜୁ ହୋଇସାରିଛି । ମାତ୍ର ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଯାଉ ନାହିଁ । ପିଲାଙ୍କ ଭବିଷ୍ୟତ ଓ ଇଚ୍ଛାକୁ ସମ୍ମାନ ଜଣାଇ ତୁରନ୍ତ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଓ ଭାଷା ଚୟନର ସୁଯୋଗ ଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି ।

## ପାରମ୍ପରିକ ଖାଦ୍ୟ ଓ ଅବହେଳିତ ଫସଲ ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ



ଫିରିଙ୍ଗିଆ/ଫୁଲବାଣୀ,୧୫।୪(ସମିସ): ଧିରେ ଧିରେ ପାରମ୍ପରିକ ଖାଦ୍ୟ ଓ ପାରମ୍ପରିକ ଫସଲର ଚାଷ ବିଲୁପ୍ତ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ଏହାକୁ ପୁର୍ନଜୀବିତ କରିବା ପାଇଁ କନ୍ଧମାଳ ଜିଲ୍ଲାରେ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି । ରାଜ୍ୟ କୃଷି ଓ କୃଷକ ସସକ୍ତିକରଣ ବିଭାଗ ଦ୍ୱାରା ରାଜ୍ୟର ୧୫ ଜିଲ୍ଲାର ୨୫ ବ୍ଲକ୍ରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପରେ ୱାସନ୍ ଅନୁଷ୍ଠାନ ରାଜ୍ୟ ସଂଯୋଜକ ଭାବରେ କାର୍ଯ୍ୟ କରୁଛି । କନ୍ଧମାଳ ଜିଲ୍ଲା କୃଷି ବିଭାଗ ଜିଲ୍ଲା ସ୍ତରରେ ଏହାର ପରିଚାଳନା ଦାୟିତ୍ୱ ତୁଲାଉଥିବା ବେଳେ ସହାୟକ ଅନୁଷ୍ଠାନ ଭାବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏହାକୁ କାର୍ଯ୍ୟ କାରି କରିବା ପାଇଁ କୃଷୀ ବିଭାଗ, ୱାସନ୍ ଓ ସ୍ୱାତୀ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ୨୦୨୬ ଠାରୁ ୨୦୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରକଳ୍ପ ମାଧ୍ୟମରେ କନ୍ଧମାଳ ଜିଲ୍ଲାର ୪ ବ୍ଲକ୍ ଅଞ୍ଚଳରେ ଲୁପ୍ତ ହୋଇଯାଉଥିବା ବିଭିନ୍ନ ଦେଶୀ ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ଓ ପ୍ରସାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପବିତ୍ର ମୋହନ ସାହୁ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ମୁଖ୍ୟତ ଲୋପପାଇ ଆସୁଥିବା ଖାଦ୍ୟ ଶସ୍ୟ ଅବହେଳିତ ଫସଲ ଗୁଡିକର ନଥିକରଣ କରିବା ସହିତ ବିଭିନ୍ନ ଅଞ୍ଚଳରେ ଅଗ୍ରଣୀ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ଜରିଆରେ ଫସଲ ଚାଷର ପ୍ରସାର , ସେଗୁଡିକର ବଜାର ବ୍ୟବସ୍ଥା ଏବଂ ପ୍ରକ୍ରୀୟା କରଣ ପାଇଁ କୃଷକ ସଂଗଠନ ଓ ଉତ୍ପାଦକ କମ୍ପାନୀ ଗଠନ ବ୍ୟବସ୍ଥା ରହିଛି ବୋଲି ଅତିରିକ୍ତ ଜିଲ୍ଲା କୃଷୀ ଅଧିକାରି ରଶ୍ମିରଞ୍ଜନ ମୋହାରଣା କହିଛନ୍ତି । କନ୍ଧମାଳ ଜିଲ୍ଲାରେ ବହୁ ଖାଦ୍ୟ ଶସ୍ୟ ଓ ଫସଲ ଧିରେ ଧିରେ ଲୁପ୍ତ ପ୍ରାୟ ଅବସ୍ଥାକୁ ଆସୁଥିବା ବେଳେ ଏହି ପ୍ରକଳ୍ପ ତାହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସହାୟକ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ମତ ପ୍ରକାଶ କରିଥିଲେ । ୱାସନ୍ର ଆଞ୍ଚଳିକ ସଂଯୋଜକ ରାଜେଶ କୁମାର ପାଣି ଏହି ପ୍ରକଳ୍ପର ସମସ୍ତ ବୈଷୟିକ ସହାୟତା ଓ ପ୍ରଶିକ୍ଷଣ ଯୋଗାଇବା ଦେବା ବିଷୟରେ ଗୁରୁତ୍ୱ ଦେଇଥିଲେ । ଏହି କର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍ର କୃଷୀ ଅଧିକାରୀଙ୍କ ସହିତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

● ଓଡ଼ିଆ ପକ୍ଷ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା

## ଫିରିଙ୍ଗିଆ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ



ଫିରିଙ୍ଗିଆ,୧୫।୪(ସମିସ): ଓଡ଼ିଆ ସାହିତ୍ୟ ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗତ ୧୧ ତାରିଖରେ ଭୁବନେଶ୍ୱର ସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଯୁବ ଲେଖକ ଦିବସ ଅମୃତପିଢ଼ି ସାରସ୍ୱତ କର୍ମଶାଳାରେ କନ୍ଧମାଳ ଜିଲ୍ଲା ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଫିରିଙ୍ଗିଆର ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀ ସୁଜ୍ଞାନୀ ରାଣୀ ଗୌଡ଼ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି । ଏଥିପାଇଁ ଗତକାଲି ଓୟୁଏଟି ସମ୍ମିଳନୀ କକ୍ଷ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କ୍ରମରେ ସେ ମହାବିଦ୍ୟାଳୟ ଏବଂ କନ୍ଧମାଳ ଜିଲ୍ଲା ପାଇଁ ସେ ଗୌରବ ଆଣିଛନ୍ତି । ଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧକ୍ଷ ନବଘନ ସାହୁ ଏବଂ ସମସ୍ତ ଅଧ୍ୟାପକ, କର୍ମଚାରୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଦୁଇଦିନ ପରେ ଶବକୁ ମିଳିଲା ଶ୍ମଶାନ



ଉମରକୋଟ,୧୫।୪ (ସମିସ): ଶବ ସତ୍କାରକୁ ନେଇ ଦେଖା ଦେଇଥିବା ବିବାଦ ତିନି ଦିନପରେ ସମାଧାନ ହୋଛି । ଶେଷରେ ନିଜ ଜମିରେ ଶବ ପୋତିବେ ବୋଲି ମୃତକଙ୍କ ସ୍ୱାମୀ ସହମତି ପ୍ରଦାନ କରିଥିଲେ । ଗ୍ରାମବାସୀ ମଧ୍ୟ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଲେ । ଦୀର୍ଘ ତିନି ଦିନ ହେବ ଘରେ ପଡ଼ିରହି ଥିବା ଶବ ଶେଷରେ ଶ୍ମଶାନ ପାଇଲା । ଘଟଣା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ଅଣ୍ଡି ଗ୍ରାମର ମାଣିକ ସାନ୍ତାଙ୍କର ଗତ ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା । ମାଣିକଙ୍କ ପରିବାର ନିଜ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶବ ସତ୍କାରକୁ ନେଇ ଗ୍ରାମରେ ବିବାଦ ଆରମ୍ଭ ହୋଇଥିଲା । ଗ୍ରାମର ଅନ୍ୟ ହିନ୍ଦୁଧର୍ମାବଲମ୍ବୀ ମାନେ ଏହି ଶବକୁ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବେ ନାହିଁ ବୋଲି ଜିଦ୍ରେ ଅଟଳ ଥିଲେ । ଏହାପରେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଘଟଣାସ୍ଥଳରେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ପାପଡାହାଣ୍ଡି ଆରକ୍ଷୀ ଅଧିକ୍ଷକ ସତ୍ୟଜିତ କାନ୍ଦଲକର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଘ, ଚନ୍ଦାହାଣ୍ଡି ଥାନା ଅଧିକାରୀ ବିମଳ ଲାକ୍ରା, ରାଇଘର ଥାନା ଅଧିକାରୀ ଟିକଚନ୍ଦ ବାହୁବଳ ଖଟୁଆ, ଉମରକୋଟ ତହସିଲଦାର ମେଘବାନ ବାଗ ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ,ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର,ଏସ ଆଇ ଅକ୍ଷୟ ମିଶ୍ର, ତିନି ପ୍ଲାଟୁନ ଫୋର୍ସ ଓ ପୋଲିସ ପ୍ରଶାସନ ଉପସ୍ଥିତ ରହି ଶବ ସଂସ୍କାର କରିଥିଲେ । ପୋଲିସ ଓ ପ୍ରଶାସନ ଉଭୟ ପକ୍ଷକୁ ବୁଝାସୁଝା କରିଥିଲେ । ଶେଷରେ ନିଷ୍କର୍ଷ ବାହାରିଥିଲା

ମହେନ୍ଦ୍ରଗିରିରେ ଅନୁପ୍ରବେଶକାରୀଙ୍କ ଅନୈତିକ କାର୍ଯ୍ୟ

## ରକ୍ଷଣାବେକ୍ଷଣ ସୁନିଶ୍ଚିତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପାରଳାଖେମୁଣ୍ଡି,୧୫ ।୪(ସମିସ)



ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପର୍ବତ ଏକ ପବିତ୍ର ଧାର୍ମିକ ସ୍ଥଳ ସହ ଆଦିବାସୀ ସମ୍ପ୍ରଦାୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଗଭୀର ଭାବେ ଜଡିତ । ଏଭଳି ପୂଣ୍ୟକ୍ଷେତ୍ର ଏବେ ଅଶାନ୍ତି ହୋଇପଡିଥିବା ଅଭିଯୋଗ ହୋଇଛି । ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମହେନ୍ଦ୍ରଗିରି ଗସ୍ତ ସମୟରେ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ ଓ ମହେନ୍ଦ୍ରଗିରି ପୂଜା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ଉପୁଜିଥିବାକୁ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସେମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ ଯେ ଏହି ଅଞ୍ଚଳରେ ମହେନ୍ଦ୍ରଗିରି ପୂଜା କମିଟି ବାରଘର ଆଦିବାସୀ ପୀଢ଼ି ପୀଢ଼ି ଧରି ପରମ୍ପରାଗତ ଭାବରେ ପୂଜା ଅର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକଳାପ ସହ ଏହାର ସୁରକ୍ଷା ପିତୃପୁରୁଷ କାଳରୁ କରି ଆସୁଛନ୍ତି । ଏହି ପୁଣ୍ୟ କାର୍ଯ୍ୟ କରିବା ଆମ ପାଇଁ ଏକ ଗୌରବର ବିଷୟ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଦିବାସୀଙ୍କ ଏକତା ଓ ବିଶ୍ୱାସକୁ କୁଠାରାଘାତ କରୁଛନ୍ତି ଅନୁପ୍ରବେଶକାରୀ । ବର୍ତ୍ତମାନ କିଛି ଅନୁପ୍ରବେଶକାରୀ ସେଠାରେ ଅବୈଧ ଭାବରେ ବସତି ସ୍ଥାପନ କରି ବିଭିନ୍ନ ସମୟରେ ଗୁଣ୍ଡା ଓ ମାଫିଆଙ୍କୁ ପଠାଇ ପୂଜାରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ଅତ୍ୟାଚାର କରୁଛନ୍ତି । ଏହା ସହିତ ସ୍ଥାନୀୟ କିଛି ଉଚ୍ଚପଦସ୍ଥ ପ୍ରଭାବଶାଳୀ କ୍ଷମତାସୀନ ମୁଷ୍ଟିମେୟ ରାଜନେତା ଓ ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀ ନିଜ ସ୍ୱାର୍ଥ ସାଧନା ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ସମସ୍ତ ନିୟମାବଳୀକୁ ଉଲ୍ଲଂଘନ କରି ସେଠାରେ ଉନ୍ନୟନ ମୂଳକ କାର୍ଯ୍ୟ ନାମରେ ମାଡବା ଓ ବଡ଼ମାସିଂ ଗ୍ରାମର କିଛି ବ୍ୟକ୍ତିବିଶେଷଙ୍କ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଳାଖୋଳି କରି କୃତ୍ରିମ ଲିଙ୍ଗ ଓ ମୂର୍ତ୍ତି ସ୍ଥାପନ କରି ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ପରିବେଶ ଓ ଧାର୍ମିକ ଭାବାବେଗକୁ ନଷ୍ଟ କରୁଛନ୍ତି । ଏଠାରେ ଥିବା ଦୁର୍ଲଭ ଔଷଧୀୟ ବୃକ୍ଷ, ଲତା କଟାଯାଉଥିବା ବେଳେ ଏଠାରେ ଥିବା ପ୍ରାଚୀନ ଲିଙ୍ଗ-ମୂର୍ତ୍ତୀ ଆଦିକୁ ନଷ୍ଟ କରୁଛନ୍ତି । ଏହା ସହ ଆଶ୍ରମ ନାମରେ କିଛି ସାଧୁ ବେଶ ଧାରି ଗୁଣ୍ଡା ଶ୍ରେଣୀୟ ଅସାମାଜିକ ବ୍ୟକ୍ତି ସେଠାରେ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯେପରିକି ମଦ, ମାଂସ, ଗଂଜେଇ ବ୍ୟବହାର କରିବା ସହ ମୂର୍ତ୍ତି, ଲିଙ୍ଗ ଓ ଔଷଧୀୟ ବୃକ୍ଷ ଚୋରା ଚାଲାଣ ଇତ୍ୟାଦି କାର୍ଯ୍ୟ କରୁଛନ୍ତି । ଏଥିରେ ସ୍ଥାନୀୟ ପ୍ରଶାସନର କିଛି ତଳସ୍ତରୀୟ କର୍ମଚାରୀଙ୍କୁ ନିଜ ଆୟତରେ ରଖି ସମସ୍ତ ଅବୈଧ କାର୍ଯ୍ୟକଳାପ ଚାଲୁଛି । ଏହି ସମସ୍ତ କାର୍ଯ୍ୟ ମାଧ୍ୟମରେ ସ୍ଥାନୀୟ ଆଦିବାସୀଙ୍କ ସମ୍ପତ୍ତି, ସମ୍ମାନ, ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଅଧିକାରକୁ ପୂର୍ଣ୍ଣ ଭାବରେ ଦଳି ଚକଟି କରି କ୍ଷୁଣ୍ଣ କରାଯାଉଛି । ସ୍ଥାନୀୟ ପୂଜାରୀ ଓ ଅଞ୍ଚଳବାସୀ ସ୍ୱର ଉତ୍ତୋଳନ କଲେ ବିଭିନ୍ନ ସମୟରେ ଦୁର୍ବୃତ୍ତ ଆଖ୍ୟା ଦେଇ ଆମ ନାମରେ ମିଥ୍ୟା ମକଦମା ରୁଜୁ କରି ଆମକୁ ହଇରାଣ ହରକତ କରାଯାଉଥିବା ସେମାନେ ପ୍ରଶାସନକୁ ଜଣାଇଛନ୍ତି । ଏପରିକି ଜୀବନରେ ମାରିଦେବା ପାଇଁ ଧମକ ଦିଆଯାଉଛି ଓ ଆମ ମା ଭଉଣୀଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ ସହ ଆକ୍ରମଣ କରାଯାଉଛି । ଏଥିଯୋଗୁଁ ବିଭିନ୍ନ ସମୟରେ ପୂଜାବିଧି ଓ ଦେବନୀତି କାର୍ଯ୍ୟରେ ବ୍ୟାଘାତ ହେବା ସହିତ ପୂଜାରୀ ପରିବାର ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ବୋଲି ଜଣାଇଛନ୍ତି । ସମସ୍ୟାକୁ ଦୃଷ୍ଟିରେ ରଖି ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାମାଜିକ ସୁରକ୍ଷା, କୌଳିକ ପ୍ରଥା, ରୀତିନୀତି, ପୂଜାବିଧି, ସଂସ୍କୃତି ଓ ପରମ୍ପରାର ଅଧିକାରକୁ ନିଶ୍ଚିନ୍ତ କରାଯିବା ସହ ମହେନ୍ଦ୍ରଗିରି ଅଞ୍ଚଳରେ ଘଟୁଥିବା ସମସ୍ତ ଘଟଣାର ପ୍ରଶାସନିକ ସ୍ତରରେ ନିରପେକ୍ଷ ଭାବେ ତଦନ୍ତ କରି ଅନୁପ୍ରବେଶକାରୀଙ୍କ ଅବୈଧ କାର୍ଯ୍ୟକଳାପ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ, ସ୍ଥାନୀୟ ଆଦିବାସୀ ଓ ପୂଜାରୀଙ୍କୁ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବାକୁ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚର ସଭାପତି ଇଂ. ସୁରେନ୍ଦ୍ର ମଣ୍ଡଳ ଓ ମହେନ୍ଦ୍ରଗିରି ପୂଜା କମିଟି ସଭ୍ୟମାନେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ।

## ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ



ଦାରିଙ୍ଗବାଡି,୧୫।୪(ସମିସ): ଦାରିଙ୍ଗବାଡି ଅଗ୍ନିଶମ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଲୋକଙ୍କୁ ସଚେତନ କରାଯାଇଥିଲା। ରନ୍ଧନ ଗ୍ୟାସରେ ନିଆଁ ଲାଗିଲେ ଲିଭାଇବାର କେତେକ ଉପାୟ ବ୍ୟବହାର କରାଯାଇ ସଚେତନ କରାଯାଇଥିଲା। ପୁଣି କେଉଁ କାରଣରୁ ନିଆଁ ଲାଗି ବିପଦ ସୃଷ୍ଟି ହେଉଛି ସେନେଇ ଅଗ୍ନିଶମ ଅଧିକାରୀଙ୍କ ସମେତ ଅନ୍ୟ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ଅଞ୍ଚଳରେ ବିଭିନ୍ନ ଗାଁରେ ଲୋକଙ୍କୁ ସଚେତନ କରାଯାଉଛି। କାର୍ଯ୍ୟକ୍ରମ ବ୍ଲକର ପ୍ରତି ଜନଗହଳି ସ୍ଥାନରେ କରାଯିବ ବୋଲି ଦାରିଙ୍ଗବାଡି ଅଗ୍ନିଶମ ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଜୀବନ ଜ୍ୟୋତି କଲେଜରେ ରକ୍ତଦାନ ଶିବିର



ରାଇକିଆ,୧୫।୪(ସମିସ): ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସ ସଂଯୋଜକ ଦାୟିତ୍ୱରେ ଥିବା ଅଧ୍ୟାପକ ବିଶ୍ୱବିହାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ରକ୍ତ ଦାନ କରିଥିଲେ। ଫୁଲବାଣୀ ବ୍ଲଡ ବ୍ୟାଙ୍କର ଡ଼ା. ଜୟଦିପ ଘୋଷ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ଉମାକାନ୍ତ ରଥ, ଅଧ୍ୟାପକ ସୁକାନ୍ତ ନାୟକ, ପ୍ରମୋଦ ନାୟକ, ଫିରଦୋଷୀ ପ୍ରଧାନ ଓ ସାରଙ୍ଗ ଧର ମାମ୍ବି ଲାକା ଉତ୍ସାହିତ କରିଥିଲେ।

## ଜି.ଉଦୟଗିରିରେ ଅଗ୍ନିସେବା ସପ୍ତାହ



ଜି.ଉଦୟଗିରି,୧୫।୪(ସମିସ): ଜି.ଉଦୟଗିରି ଅଗ୍ନିଶମ ବିଭାଗ ତରଫରୁ ୮୨ ତମ ଅଗ୍ନିସେବା ସପ୍ତାହ ପାଳିତ ହୋଇଯାଇଛି। ସହର ପରିକ୍ରମା ସହ ବିଭିନ୍ନ ସ୍ଥାନରେ ମଗଡ୍ରିଲ କରାଯାଇଥିଲା। କାର୍ଯକ୍ରମକୁ ଅତିରିକ୍ତ ସେକ୍ସନ ଅଧିକାରୀ ମହେଶ୍ୱର ପ୍ରଧାନ, ଲିଡିଙ୍ଗ ଫାୟାର ଫାଇଟର ଶିବରାମ ବିଶ୍ୱାଳ, ସନ୍ତୋଷ କୁମାର ଦାଶ, ହାବିଲଦାର ପି.ସାହୁ, ଫାୟାର ଫାଇଟର ସବୀର ବେହେରା, ସୀତାକାନ୍ତ ସ୍ୱାଇଁ, ସୂର୍ଯ୍ୟନାରାୟଣ ବେହେରା, ଶୁଭକାନ୍ତ ବେହେରା ଓ ସତ୍ୟ ରଞ୍ଜନ ବେହେରା ଅଂଶ ଗ୍ରହଣ କରିଥିଲେ।

## ପର୍ଶୁରାମ ଡିଗ୍ରୀ ମହାବିଦ୍ୟାଳୟର ବିଦାୟକାଳୀନ ଉତ୍ସବ



ରାୟଗଡ଼,୧୫।୪(ସମିସ): ରାୟଗଡ ବ୍ଲକ ଅଧିନ ସେବକପୁର ସ୍ଥିତ ପର୍ଶୁରାମ ସ୍ନାତକ (ଡିଗ୍ରୀ) କଲେଜ ପରିସରରେ ଆତ୍ମା ଚାରିଟେବୁଲ ଟ୍ରଷ୍ଟ ଜରିଆରେ ପରିଚାଳିତ ପର୍ଶୁରାମ ସ୍ନାତକ(ଡିଗ୍ରୀ) ମହାବିଦ୍ୟାଳୟରେ ବୁଧବାର ଦିନ ବିଦାୟ ଉତ୍ସବ ପାଳନ ସଭାପତି ପ୍ରଦୀପ କୁମାର ବିଶୋୟୀଙ୍କ ସଭାପତିତ୍ୱରେ ହୋଇଥିଲା। ଛାତ୍ରମାନେ ପାସ୍ କଲେ ମଧ୍ୟ ସେମାନେ ସବୁଦିନ ପାଇଁ କଲେଜକୁ ଭଲ ପାଆନ୍ତି ଏବଂ ସେମାନଙ୍କୁ ଭଲ ଭବିଷ୍ୟତ କାମନା କରିବେ ବୋଲି ଅତିଥିମାନେ କହିଥିଲେ। ସମସ୍ତ ଛାତ୍ର ଉତ୍ସାହର ସହିତ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ ଏବଂ ଅତୀତର ଘଟଣା ବିଷୟରେ ମନେ ପକାଇଲେ। ବିଦାୟ ସଭାରେ ସମ୍ପାଦକ ସୀମାଦ୍ରି ପ୍ରଭାକର ରାଓ, କଲେଜର ଅଧ୍ୟକ୍ଷ କାଳକା ତାଉଡୁ, ଅଧ୍ୟାପିକା ଅନୀତା ପଟ୍ଟନାୟକ, ଅଧ୍ୟାପକ, ଅଧ୍ୟାପିକା ଅନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ତଣ୍ଟି ଚିପି ହତ୍ୟା ମାମଲା**

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ପାରଳାଖେମୁଣ୍ଡି,୧୫।୪(ସମିସ)

ବିବାହର ମାତ୍ର ବର୍ଷେ ପରେ ଅଧିକ ଯୌତୁକ ଦାବି କରି ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଶେଷରେ କ୍ଲଚ ତାରରେ ତଣ୍ଟି ଚିପି ପତ୍ନୀଙ୍କୁ ହତ୍ୟା କରିଥିଲା ପିଶାଚ ସ୍ୱାମୀ। ଏଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୨ରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ଜାଡୱାଡା ଗ୍ରାମର ତଥା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରାରେ ବର୍ତ୍ତମାନ ବସବାସ କରୁଥିବା ଅଭିଯୁକ୍ତ ରେଗାଟି ଧନୁଞ୍ଜୟ ଓରଫ ରକୋଟି ଧନୁଞ୍ଜୟ (୩୮ ବର୍ଷ)ଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଜଜ୍ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଘରୋଇ ଅତ୍ୟାଚାର ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୪୯୮(କ)ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି। ଏତଦବ୍ୟତୀତ ଯୌତୁକ ଦାବିକୁ ନେଇ ଉଦ୍ଦିଷ୍ଟ ଧାରା ୪ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷର ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ସଜା ଶୁଣାଇଛନ୍ତି। ଜରିମାନା ଅନାଦାୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ମାମଲାର ପରିଚାଳନା କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୮ ମସିହା ଏପ୍ରିଲ ମାସରେ ରକୋଟି ହିନ୍ଦୁ ରୀତିନୀତି ଅନୁଯାୟୀ ପେଣ୍ଟମ୍ମା (୨୦)ଙ୍କୁ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଜାଡ଼ିୱାଡା ଗ୍ରାମରେ ବିବାହ ହୋଇଥିଲା। କିଛି ଦିନ ଦାମ୍ପତ୍ୟ ଜୀବନ ସୁରୁଖୁରୁରେ କଟିବା ପରେ ଅଭିଯୁକ୍ତ ଜଣଙ୍କ ପଲାସାରେ ଗ୍ୟାରେଜ କରିବାକୁ ନେଇ ଅଧିକ ଯୌତୁକ ଦାବି କରିଥିଲେ। ଏଠାରୁ ଝଗଡା ଆରମ୍ଭ ହୋଇଥିଲା। ଶେଷରେ ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ଗ୍ରାମରେ ଏକ ଭଡାଘର ନେଇ ମୋଟର ଗ୍ୟାରେଜ ଖୋଲିଥିଲେ। କିନ୍ତୁ ଅଧିକ ଯୌତୁକକୁ ନେଇ ତାଙ୍କୁ ସବୁବେଳେ ନିର୍ଯାତନା ଦେଇଆସୁଥିଲେ। ଘଟଣାଦିନ ସକାଳେ ମୃତକଙ୍କ ମାମୁ ବେଗୁରାଣ୍ଡି ଥାନା ଜଙ୍ଗଲପାଡୁର କେ. ରାମାରାଓ ଖବର ପାଇଲେ ଯେ ଭାଣିଜୀ ବେକରେ ଚୁନି ଗୁଡେଇ ହୋଇ ମରିପଡିଛନ୍ତି ଓ ସ୍ୱାମୀଙ୍କ ବ୍ୟତୀତ ଆଉ କେହି ନାହାନ୍ତି। ସେତେବେଳେ ସେ ସନ୍ଦେହରେ ଅଭିଯୁକ୍ତଙ୍କ ନାଁରେ ଗୁରାଣ୍ଡି ଥାନାରେ ଏତଲା ଦେଇଥିଲେ। ତତ୍କାଳୀନ ସବଇନ୍ସପେକ୍ଟର ମୁକେଶ କୁମାର ବେହେରା ଓ ମୁକେଶ କୁମାର ଲାକ୍ରା ଉକ୍ତ ମାମଲାର ତଦନ୍ତ କରିଥିଲେ। ଗାଡିର କ୍ଲଚ ତାରରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ତଦନ୍ତ ବେଳେ ଜଣାପଡିଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଆଜି ୧୩ଜଣଙ୍କ ସାକ୍ଷ୍ୟ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି ଶେଷରେ ନ୍ୟାୟାଧୀଶ ଏହି ରାୟ ଦେଇଛନ୍ତି।

## ଫୁଲବାଣୀରେ ଓଡ଼ିଆ ନବବର୍ଷ ଓ ସମ୍ବର୍ଦ୍ଧନା ପର୍ବ



ଫିରିଙ୍ଗିଆ/ଫୁଲବାଣୀ,୧୫।୪(ସମିସ): କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବବର୍ଷ ଓ ସମ୍ବର୍ଦ୍ଧନା ପର୍ବ ପାଳିତ ହୋଇଯାଇଛି। ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବେଦଭୂଷଣ ଯୋଗ ଦେଇ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଓ ଉପଖଣ୍ଡ ପୁଲିସ ଅଧିକାରୀ ଶୁଭ୍ରଜିତ ବିଶ୍ୱାଳ ଯୋଗ ଦେଇ ସାମାଜିକ ସଦଭାବନା ରକ୍ଷା କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଓଡ଼ିଆ ଐତିହ୍ୟକୁ ମନେ ପକାଇବା ପାଇଁ ଝୋଟି ଓ ମୁରୁଜ ଇତ୍ୟାଦି ପାରମ୍ପରିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଏବଂ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାରେ ମାଓ ଦମନରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରକ୍ଷା ଯବାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଆଗନ୍ତୁକ ଅତିଥି ଓ ଜନସାଧାରଣଙ୍କୁ ପାରମ୍ପରିକ ପଣା ପ୍ରଦାନ କରାଯାଇଥିଲା। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ ବର୍ଷରୁ କମ୍ ଜାତୀୟ ବିଦ୍ୟାଳୟ କ୍ରିକେଟ୍‌ରେ ଗଜପତିର ୪ ଛାତ୍ର

ପାରଳାଖେମୁଣ୍ଡି,୧୫।୪(ସମିସ): ନିକଟରେ ଗଜପତି ଟିମ୍‌ର ୧୭ ବର୍ଷରୁ କମ୍ ଦଳ ରାଜ୍ୟ ବିଦ୍ୟାଳୟସ୍ତରୀୟ କ୍ରିକେଟରେ ଚାମ୍ପିଆନ ହୋଇଥିଲା। ବର୍ତ୍ତମାନ ଜାତୀୟ ସ୍ତରରେ ଗଜପତିର ୪ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ କୋଟଲା ମାଧବ, ସନ୍ତୋଷ କୁମାର ଲେଙ୍କା, ପାସ୍ପୁରେଡି କାର୍ତ୍ତିକ ଏବଂ ଇସରାଲା ଭାର୍ଗବ ରାଓ। ସେମାନେ ଯାଜପୁରରେ ଓଡିଶା ଦଳ ସହ କୋଚିଂରେ ଆସନ୍ତା ୧୯ ତାରିଖରେ ଯୋଗଦାନ କରିବେ। ସେଠାରୁ ସେମାନେ ଓଡ଼ିଶା ଦଳସହ ତେଲେଙ୍ଗାନାର ଜାଚେର୍ଲାରେ ଏପ୍ରିଲ ୨୬ ରୁ ମେ ୧ ପର୍ଯ୍ୟନ୍ତ ଜାତୀୟସ୍ତରୀୟ କୋଚିଂରେ ଯୋଗଦେବେ। ସେମାନଙ୍କର ସଫଳତା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ଏବଂ ଜିଲ୍ଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ବିଧାୟକଙ୍କୁ ସମସ୍ୟା ଜଣାଇଲେ ଚାଷୀ

**କ୍ରୀଡ଼ା ହଷ୍ଟେଲ ନିର୍ମାଣ ପାଇଁ ସମିତିସଭ୍ୟଙ୍କ ଦୃଷ୍ଟି ଆକର୍ଷଣ**



ପାରଳାଖେମୁଣ୍ଡି,୧୫।୪(ସମିସ): ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଦେଉଳା ଗ୍ରାମ ରେ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ଗ୍ରାମ ଠାରୁ ଯୁବଗୋଷ୍ଠୀ ଏକତ୍ର ହୋଇ ବିଧାୟକଙ୍କୁ ସ୍ୱାଗତ ଜଣାଇଥିଲେ। ଉଦଘାଟନ ପରେ ଖେଳ ଆରମ୍ଭ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପ୍ରାୟ ୨ ମାସ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୪୦ ଟିମ୍ ଭାଗ ନେଉଛନ୍ତି। ବିଧାୟକଙ୍କ ଦେଉଳା ଗସ୍ତ ସମୟରେ ବହୁ ଚାଷୀ ସ୍ୱାଗତ କରିଥିଲେ ଓ ଗ୍ରାମର ରହିଥିବା ସମସ୍ତ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରିଥିଲେ। ମୁଖ୍ୟତଃ ଚଳିତ ସପ୍ତାହରେ ବର୍ଷା ହୋଇ କୁଆପଥର ମାଡରେ କାଜୁ, ଆମ୍ବ, ବିଭିନ୍ନ ଫଳ ଓ ପରିବା ଚାଷ ନଷ୍ଟ ହୋଇଥିବା ଜଣାଇବା ପରେ ବିଧାୟକ ବୁଲି ଦେଖିଥିଲେ। ତୁରନ୍ତ ଏହି ସବୁ ସମସ୍ୟା ବିଷୟ ବିଭାଗୀୟ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିବେ ବୋଲି ବିଧାୟକ ଜଣାଇଥିଲେ। ଗ୍ରାମରେ ଆଦିବାସୀ ଯୁବକଙ୍କ ଖେଳ ପ୍ରତି ରୁଚି ଅଧିକ ରହିଥିବାରୁ ଏକ ହଷ୍ଟେଲ ନିର୍ମାଣ କରାଯିବାକୁ ଦାବି ସମିତିସଭ୍ୟ ନୀର ଭୁୟାଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ ଏସ. ବାଲାରାଜୁ ଓ ସମିତିସଭ୍ୟ ଉତ୍ସବ ଶବର ଉପସ୍ଥିତ ଥିଲେ।

## ଆକାଂକ୍ଷାର ବିଷୁବ ମିଳନ

ପାରଳାଖେମୁଣ୍ଡି,୧୫।୪(ସମିସ): ଗଜପତି ଜିଲ୍ଲାର ମହିଳା ସଙ୍ଗଠନ ଆକାଂକ୍ଷା ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜସଭା ଗୃହରେ ବିଷୁବ ମିଳନ ପାଳନ କରାଯାଇଥିଲା। ସଙ୍ଗଠନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବରେ ଉତ୍କଳ ହିତୈଷିଣୀ ସମାଜ ସଭାପତି ଭାରତ ଭୂଷଣ ମହାନ୍ତି, ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ୱେତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ମନୀଷା ପାତ୍ର ଓଡ଼ିଶା ଲେଖିକା ସାହିତ୍ୟ ସଂସଦ ପକ୍ଷରୁ ସମ୍ମାନିତ ହୋଇଥିବାରୁ ସମ୍ବର୍ଦ୍ଧନା କରାଯାଇଥିଲା। ଆକାଂକ୍ଷା ମହିଳା ସଙ୍ଗଠନର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଠୀ ଓ ମିନାକୁମାରୀ ଟହଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦ୍ୱୀତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ



ମୁଖ୍ୟ ବକ୍ତା ଭାବେ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଚାରୁପ୍ରଭା ନାୟକ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କୁମୁଦିନୀ ଭୁକ୍ତା ଯୋଗ ଦେଇ ବିଷୁବ ମିଳନ ସଂପର୍କରେ ବିଷଦ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସ୍ନେହା ବେହେରା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଦୁର୍ଗା ପ୍ରସାଦ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମନୀଷା ପାତ୍ର ଅତିଥି ପରିଚୟ ଏବଂ ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ ସ୍ୱାଗତ ଭାଷଣ ପରିବେଷଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଭାରତୀୟ ସେନା ବାହିନୀର କର୍ମଚାରୀ ମନୋଜ କୁମାର ଦାଶଙ୍କୁ ଆକାଂକ୍ଷା ଜ୍ୟୋର୍ତିମୟୀ ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରୀତା ପାଣିଗ୍ରାହୀ, ପ୍ରେମାଞ୍ଜଳି ପଣ୍ଡା ଓ ବବିତା ପୁରୋହିତ ପରିଚାଳନା କରିଥିଲେ। କବିତା ପାଠୋତ୍ସବ ରେ ଡ.ସ୍ୱର୍ଣ୍ଣପ୍ରଭା ପାଠୀ , ଡ. ମିନା କୁମାରୀ ଟହଲ କବିତା ସଂଯୋଜନା କରିଥିଲେ। ୫୦ ଜଣରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ପଣା ଓ ପାରମ୍ପରିକ ପିଠା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁରଲୀଧର ପରିଛା, ନଳିନୀ ଦଳପତି, ଦେବୀ ପ୍ରସାଦ ପଟ୍ଟନାୟକ, ସନ୍ତୋଷ ମହାନ୍ତି, ଶରତ ସାହୁ, ତ୍ରିପତି ପଣ୍ଡା, ବିଷ୍ଣୁ ପଣ୍ଡା ସହଯୋଗ କରିଥିଲେ। ଶେଷରେ ଶିବ କଲ୍ୟାଣୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍କଟ ରୋଗୀଙ୍କୁ ସହାୟତା

ପାରଳାଖେମୁଣ୍ଡି,୧୫।୪(ସମିସ): ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ବାଙ୍କିଜୁଲୋ ଗ୍ରାମର ଧନଞ୍ଜୟ ନାୟକ ବର୍ତ୍ତମାନ ବୋନ୍‌ମ୍ୟାରୋ କ୍ୟାନ୍ସରରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି କଠିନ ସମୟରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ସେବା ସଂଗଠନ ଆଗେଇ ଆସିଛନ୍ତି। ବୁଧବାର ହେଲ୍ପ ଏଭର ହର୍ଟ ନେଭର ଫାଉଣ୍ଡେସନ ପକ୍ଷରୁ ପୀଡ଼ିତଙ୍କୁ ୫୪,୪୧୪ ଟଙ୍କାର ନଗଦ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ବିଭିନ୍ନ ସଂଗଠନର ମିଳିତ ସହଯୋଗରେ ସଂଗ୍ରହ କରାଯାଇଥିଲା। ହେଲ୍ପ ଏଭର ହର୍ଟ ନେଭର ଗ୍ରୁପ୍ ପକ୍ଷରୁ ୩୦,୦୦୦ ଟଙ୍କା, ଟିମ୍ ୱାର୍କ ଗ୍ରୁପ୍ ସଦସ୍ୟଙ୍କ ପକ୍ଷରୁ ୫,୦୦୦ ଟଙ୍କା, ଜିବିଡି ଗ୍ରୁପ୍ ପକ୍ଷରୁ ୬,୪୧୪ ଟଙ୍କା ଏବଂ ଋଷି ମହିମା ସେବା ଗ୍ରୁପ୍ ପକ୍ଷରୁ ୧୩,୦୦୦ ଟଙ୍କା ସଂଗ୍ରହ କରାଯାଇଥିଲା। ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ଭରଣା କରିବା ପାଇଁ ଏହି ସମସ୍ତ ଅର୍ଥ ରାଶି ତାଙ୍କୁ ହସ୍ତାନ୍ତର କରାଯାଇଛି।



**● ଗ୍ରୀଷ୍ମ ପ୍ରବାହ ବୃଦ୍ଧି; ମିଳୁନି ପାନୀୟଜଳ**

# ନିଜୁଗାଣା ଗ୍ରାମବାସୀଙ୍କୁ ଚୁଆପାଣି ଭରସା

ଫିରିଙ୍ଗିଆ,୧୫।୪(ସମିସ)



ଗ୍ରୀଷ୍ମ ପ୍ରବାହ ବଢିବା ସାଙ୍ଗକୁ ଉତ୍କଟ ହେବାରେ ଲାଗିଛି ପାନୀୟ ଜଳର ସମସ୍ୟା। ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଗ୍ରାମାଞ୍ଚଳର ଲୋକେ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଗିଉଗାଡି ୱାଡର୍ ନିଜୁଗାଣା ସାହିରେ ପାନୀୟଜଳ ସମସ୍ୟାକୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ବର୍ଷରୁ ଏହି ସାହିର ଲୋକେ ବିଲ ମଝିରେ ଥିବା ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା, ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରା ଦିନେ ବିଲ ନାଳରେ ଚୁଆ ଖୋଲି ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମ୍ମୁଖୀନ ହେଉଥିବା କହିଛନ୍ତି ଗ୍ରାମବାସୀ। ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ କେତେକ ସ୍ଥାନରେ ଆଜି ବି ଚୂଆ ନାଳ ପାଣି ବ୍ୟବହାର କରୁଛନ୍ତି। ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଦେଇ ସହ ଗିଉଗାଡି ୱାଡର୍ ନିଜୁଗାଣା ସାହିରେ ନଳକୂପ ନିର୍ମାଣ ପାଇଁ ଗ୍ରାମ ପୂର୍ବତନ ୱାଡର୍ ମେମ୍ବର ଅଜୀବନ ଦିଗାଲ, ମାନସ ରଞ୍ଜନ ପ୍ରଧାନ, ରାହୁଲ ଦିଗାଲ, ମିଥୁନ ଦିଗାଲ, ସରୋଜ ଦିଗାଲ, ସଜେଇ ମତି ଦିଗାଲ, କାଜଲ ଦିଗାଲ, ନାଟୁ କହଁର, ସାରିଆ ଦିଗାଲ, ଅଭିମନ୍ୟୁ କହଁର, ମୃତ୍ୟୁଞ୍ଜୟ ଦିଗାଲ, ରାଜୁ ପ୍ରଧାନ, ଉତ୍ତମ କହଁର, ମନୋଜ ପ୍ରଧାନ, ଘାସିରାମ ଦିଗାଲ, ମଞ୍ଜୁଲତା ଦିଗାଲ ଓ ସମାଜସେବୀ ରାଜୀବ କୁମାର ଦିଗାଲଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

**ଓଡ଼ିଆ ପକ୍ଷ ରାଜ୍ୟସ୍ତରୀୟ କବିତା ଲିଖନ ପ୍ରତିଯୋଗିତା**

# ରାଇକିଆର ସାଇଶକ୍ତି ପୁରସ୍କୃତ



ରାଇକିଆ,୧୫।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଯୁବ ଲେଖକ ସମ୍ମିଳନୀରେ କବିତା ଲିଖନ ପ୍ରତିଯୋଗିତାରେ ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ସାଇଶକ୍ତି ସାହୁ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର ଓୟୁଏଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଠାରୁ ୫୦୦୦ ଟଙ୍କା ଓ ମାନପତ୍ର, ଟ୍ରଫି ହାସଲ କରିଛନ୍ତି। ମହାବିଦ୍ୟାଳୟସ୍ତରରେ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କୁ ନେଇ କବିତା ଲିଖନ, ଗଳ୍ପ ଲିଖନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କବିତାରେ ସାଇଶକ୍ତି ସାହୁ, ପ୍ରବନ୍ଧରେ ରୋଜିମା ପ୍ରଧାନ, ଗଳ୍ପ ଲିଖନରେ ଗାୟତ୍ରୀ ବିନ୍ଧାଣି ପ୍ରଥମ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସେଠାରେ କବିତା ଲିଖନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ସଫଳ ହୋଇ ଛାତ୍ରୀ ସାଇଶକ୍ତି ସାହୁ, ରୋଜିମା ପ୍ରଧାନ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ୨୦୦ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଜୀବନ ଜ୍ୟୋତି ମହାବିଦ୍ୟାଳୟ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ସାଇଶକ୍ତି ସାହୁ କବିତା ଲିଖନ ପ୍ରତିଯୋଗିତାରେ ସଫଳ ହୋଇଥିଲେ।

